## ସଂକ୍ଷେପରେ

### ପଦୋନ୍ନତିରେ ପୂରଣ ହେବ ୧୦ ଆଇଏଏସ୍ ପଦବୀ

ଭୁବନେଶ୍ୱର, ୫।୧୨(ବ୍ୟୁରୋ)- ଓଡ଼ିଶା ପ୍ରଶାସନରେ ୨୦୧୮ ବର୍ଷର ୧୦ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍)ପଦବୀ ପଦୋନ୍ନତି ଭିତ୍ତିରେ ପୂରଣ କରାଯିବ। ତନ୍ମଧ୍ୟରୁ ୯ ପଦବୀ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଏବଂ ଗୋଟିଏ ପଦବୀ ଅନ୍ୟ ସରକାରୀ ପଦରୁ କରାଯିବ। ଏ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ୨୭ ଓଏଏସ୍ ଏବଂ ୫ ଅନ୍ୟ ସରକାରୀ ଅଧିକାରୀଙ୍କ ନାଁ ୟୁପିଏସ୍‌ସିକୁ ପଠାଯାଇଛି।

### ବେଦାନ୍ତକୁ ମିଳିଲା ସୁନ୍ଦରଗଡ଼ ଜାମକାନୀ କୋଇଲା ଖଣି

ଭୁବନେଶ୍ୱର, ୫।୧୨ (ବ୍ୟୁରୋ)- ସୁନ୍ଦରଗଡ଼ ଜିଲାର ଜାମକାନୀ କୋଇଲା ଖଣି ବେଦାନ୍ତ ଲିମିଟେଡକୁ ମିଳିଛି। କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଗୁରୁବାର ଏହି ଖଣିକୁ ଅନୁମୋଦନ କରିଛି। ଦୀର୍ଘ ୪ବର୍ଷ ପରେ ମନ୍ତ୍ରଣାଳୟ ୫ଟି ଖଣିକୁ ଅନୁମୋଦନ କରିଛି। ନଭେମ୍ବର ପ୍ରଥମ ସପ୍ତାହରେ ମନ୍ତ୍ରଣାଳୟ ପକ୍ଷରୁ ଇଲେକ୍ଟ୍ରୋନିକ୍ସ ନିଲାମ କରାଯାଇଥିଲା। ୫ଟି ଖଣିକୁ ମନ୍ତ୍ରଣାଳୟ ପକ୍ଷରୁ ବିର୍ଲା କର୍ପୋରେଶନ, ବେଦାନ୍ତ, ପ୍ରକାଶ ଇଣ୍ଡଷ୍ଟ୍ରିଜ୍ ଏବଂ ପାୱାର ପ୍ଲସ ଟ୍ରେଡର୍ସକୁ ପ୍ରଦାନ କରାଯାଇଛି। ବିର୍ଲା କର୍ପୋରେଶନକୁ ମଧ୍ୟପ୍ରଦେଶର ବିକ୍ରମ ଓ ବ୍ରହ୍ମପୁରୀ କୋଇଲା ଖଣି ଟନ୍ ପିଛା ୧୫୪ ଟଙ୍କା ଏବଂ ୧୫୬ ଟଙ୍କା ହିସାବରେ ପ୍ରଦାନ କରାଯାଇଥିବାବେଳେ ବେଦାନ୍ତକୁ ଟନ୍ ପିଛା ୧,୬୭୪ ଟଙ୍କାରେ ଦିଆଯାଇଛି। ପ୍ରକାଶ ଇଣ୍ଡଷ୍ଟ୍ରିଜ୍‌କୁ ଛତିଶଗଡ଼ର ଭାସ୍କରପଡା କୋଇଲା ଖଣି ଟନ୍ ପିଛା ୧,୧୦୦ ଟଙ୍କା ଏବଂ ପାୱାର ପ୍ଲସ ଟ୍ରେଡର୍ସକୁ ପଶ୍ଚିମବଙ୍ଗର ଜଗନ୍ନାଥପୁର ବି ବ୍ଲକକୁ ଟନ୍ ପିଛା ୧୮୫ ଟଙ୍କାରେ ନିଲାମ ଦିଆଯାଇଛି। ଏହି ୫ଟି ଖଣି ବାବଦରେ ରୟାଲଟିକୁ ଛାଡି ଆସନ୍ତା ୩୦ ବର୍ଷ ମଧ୍ୟରେ ୧୭ ହଜାର ୧୩୬ କୋଟି ଟଙ୍କା ମିଳିବ ବୋଲି ମନ୍ତ୍ରଣାଳୟ ଲକ୍ଷ୍ୟ ରଖିଛି। ଏହି ଖଣି ନିଲାମ ଦ୍ୱାରା ଉତ୍ପାଦନ ବୃଦ୍ଧି ପାଇବା ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

■ଦୁର୍ଗମ ଗୁଆପଦାରେ ଉପଜିଲାପାଳ

# ଗ୍ରାମ ବୁଲି ସମସ୍ୟା ବୁଝିଲେ



ଆୟୋଜିତ ବୈଠକରେ ଉପଜିଲାପାଳଙ୍କ ସମେତ ପ୍ରଶାସନିକ ଅଧିକାରୀ ଏବଂ ଗ୍ରାମବାସୀ।

**ମାଧପୁର, ୫।୧୨**

ଆଠମଲ୍ଲିକ ବ୍ଲକ ଟୁସର ପଞ୍ଚାୟତ ଦୁର୍ଗମ ଅଞ୍ଚଳରେ ଥିବା ଗୁଆପଦା ଗ୍ରାମକୁ ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ ଗୁରୁବାର ଗସ୍ତ କରିଛନ୍ତି। ଡ. ବିଶ୍ୱାଳ ଗ୍ରାମ ବୁଲିବା ସହ ଲୋକଙ୍କୁ ସେମାନଙ୍କ ସମସ୍ୟା ବିଷୟରେ ପଚାରିଥିଲେ। ଏ ସଂକ୍ରାନ୍ତରେ ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ବସିଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କିତ ସମସ୍ୟା ଉପରେ ଗ୍ରାମବାସୀ ଉପଜିଲାପାଳଙ୍କୁ ଜଣାଇଥିଲେ। ଗ୍ରାମର ପିଲାମାନେ କିପରି ନାଳପାରି ହୋଇ ଅସୁବିଧାରେ ସମ୍ବଲପୁର ଜିଲା ରେଢାଖୋଲ ଉପଖଣ୍ଡ ନୂଆପଡା ଗ୍ରାମର ଉ.ପ୍ରା ବିଦ୍ୟାଳୟକୁ ଯାଉଛନ୍ତି ସେ ସମ୍ପର୍କରେ ଉପଜିଲାପାଳ ଅବଗତ ହେବା ପରେ ଗୁଆପଦାରେ ଏକ ମିନି ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟାଳୟ, କେରେଣ୍ଡିଆ ନାଳ ଦେଇ ଏକ ପୋଲ ନିର୍ମାଣ ନିମନ୍ତେ ଜିଲାପାଳଙ୍କୁ ପ୍ରସ୍ତାବ ଦିଆଯିବ ବୋଲି କହିଥିଲେ। ସେହିପରି ବ୍ଲକ ତରଫରୁ ଶୀଘ୍ର ଦୁଇଟି ନଳକୂପ ଖନନ କରାଯାଇ ପାଇପ ଜରିଆରେ ପିଇବା ପାଣିର ବ୍ୟବସ୍ଥା କରାଯିବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଲୋକଙ୍କୁ ଶୀଘ୍ର ସାମିଲ କରାଯିବ ବୋଲି ଆଠମଲ୍ଲିକ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ ପ୍ରତିଶ୍ରୁତି ଦେଇଥିଲେ। ଜଙ୍ଗଲ ବିଭାଗ ଦ୍ୱାରା ଯାଇକା ପ୍ରକଳ୍ପ ଜରିଆରେ ଏହି ଗ୍ରାମକୁ ସାମିଲ କରି ଗ୍ରାମରେ ଏକ ବନ ସୁରକ୍ଷା ସମିତି ଗଠନ କରିବା ପାଇଁ ମାଇକ୍ରୋ ପ୍ଲାନ ପ୍ରସ୍ତୁତ କରାଯାଇ ଗ୍ରାମବାସୀଙ୍କ ସାମାଜିକ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଚେଷ୍ଟା କରାଯାଉଛି ବୋଲି ବନ ଅଧିକାରୀ ପ୍ରକାଶ କରିଥିଲେ। ଉପଜିଲାପାଳଙ୍କ ସହିତ ଗ୍ରାମ୍ୟ ଉନ୍ନୟନ ସହକାରୀ ଯନ୍ତ୍ରୀ ସୁଧୀର କୁମାର ଦେବତା, ବ୍ଲକ ସହକାରୀ ଯନ୍ତ୍ରୀ ଅଞ୍ଜନ ରାଉତ, ସହକାରୀ ବନ ସଂରକ୍ଷକ ଗୌରୀ ଶଙ୍କର ଦାସ, ବାମୁର ରେଞ୍ଜର ଚିତ୍ତରଞ୍ଜନ ପ୍ରଧାନ, ଶିଶୁ ବିକାଶ ଅଧିକାରୀ ତାରଙ୍ଗିନୀ ମିର୍ଦ୍ଧା, କନିଷ୍ଠ ଯନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ ସହରାଲ ସିଂ, ଭାରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ରାମରଞ୍ଜନ ତ୍ରିପାଠୀ, 'ସମାଧାନ 'ର ସମ୍ପାଦକ ବିନୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁମନ୍ଦିରରେ ବାର୍ଷିକ କ୍ରୀଡ଼ା



କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଛି।

**ଅନୁଗୋଳ ଅଫିସ, ୫।୧୨**

ଅନୁଗୋଳ ଗାନ୍ଧୀମାର୍ଗ ସ୍ଥିତ ସରସ୍ୱତୀ ଶିଶୁମନ୍ଦିରରେ ଗୁରୁବାର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ଜାତୀୟ ବାସ୍କେଟ୍ ବଲ ଖେଳାଳି ସୁନୀଲ କୁମାର ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ାର ଉପଯୋଗିତା ସମ୍ବନ୍ଧରେ ଛାତ୍ରୀଛାତ୍ରମାନଙ୍କୁ ଜଣାଇଥିଲେ। ସେହିପରି ଅନୁଗୋଳ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସେଠ ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହି କ୍ରୀଡ଼ା ଓ ଶିକ୍ଷା ଉଭୟ ଛାତ୍ରୀଛାତ୍ରଙ୍କ ପାଇଁ ଉପାଦେୟ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଶିଶୁମାନେ ପିରାମିଡ୍, ଯୋଗଚାପ, ଡମ୍ବେଲ, ଘୋଷ ଆଦି ଶାରୀରିକ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ଏହି କ୍ରୀଡ଼ା ୩ ଦିନ ଧରି ଚାଲିବ। ଏଥିରେ ପ୍ରାୟ ୨ ହଜାରରୁ ଅଧିକ ଶିଶୁ ଅଂଶଗ୍ରହଣ କରିବେ ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ପ୍ରଧାନ ଅତିଥିଙ୍କ ପରିଚୟ ଦେଇଥିଲେ। ବିଦ୍ୟାଳୟ ସମ୍ପାଦକ ବିଜୟ କୁମାର ମୋଦି ଓ ସଭାପତି ସୁଧାକର ପାଳ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ସାଧୁଚରଣ ପ୍ରଧାନ, ନରେନ୍ଦ୍ର କୁମାର ଦାସ, ହୃଦାନନ୍ଦ ପଣ୍ଡା, ଗିରିଜାଶଙ୍କର ନନ୍ଦ, ବୃନ୍ଦାବନ ସ୍ୱାଇଁ, ରଞ୍ଜନ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅନୁଗୋଳର ଅଧିଷ୍ଠାତ୍ରୀ ଦେବୀ ମା ବୁଢ଼ୀ ଠାକୁରାଣୀଙ୍କ ନିକଟରୁ ଅଖଣ୍ଡ ଜ୍ୟୋତି ଅଣାଯାଇ କ୍ରୀଡ଼ା ଆରମ୍ଭ ହୋଇଥିଲା। କ୍ରୀଡ଼ା ଶିକ୍ଷକ ପ୍ରିୟରଞ୍ଜିତ ଦାସ, ପ୍ରତାପ କୁମାର ରଥଙ୍କ ସମେତ ସମସ୍ତ ଗୁରୁମାଗୁରୁଜୀ ସହଯୋଗ କରିଥିଲେ। ଯୁକ୍ତ ୨ ବିଜ୍ଞାନ ମହାବିଦ୍ୟାଳୟ ଅଧକ୍ଷ ସୁରଥ କୁମାର ପାଢ଼ୀ ଧନ୍ୟବାଦ ଦେଇଥିଲେ।

# ରୋଟାରି ରୟାଲ ପକ୍ଷରୁ ପୁସ୍ତକ ବିତରଣ




ରୋଟାରି ରୟାଲ ପକ୍ଷରୁ ଆଲମାରି, ପୁସ୍ତକ ପ୍ରଦାନ କରାଯାଉଛି।

**ଅନୁଗୋଳ ଅଫିସ, ୫।୧୨**

ଅନୁଗୋଳର ରୋଟାରି ରୟାଲ କ୍ଲବ ପକ୍ଷରୁ ଗୁରୁବାର ଶିକ୍ଷକପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ପୁସ୍ତକ ସହ ଆଲମାରି ପ୍ରଦାନ କରାଯାଇଛି। ଅନୁଗୋଳ ରୋଟାରି ରୟାଲ କ୍ଲବର ସଭାପତି ବିଶ୍ୱଜିତ ପଟ୍ଟନାୟକ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପାଠାଗାର ଓ ପୁସ୍ତକର ଉପଯୋଗିତା ଉପରେ ଅମ୍ବିକା ପ୍ରସାଦ ସାହୁ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ତରଣୀ ମିଶ୍ର ସୁନ୍ଦର ଭବିଷ୍ୟତ ପାଇଁ ପୁସ୍ତକର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ସମ୍ପାଦକ ରାଜେଶ ସରଳିଆ, ପଦ୍ମା ଅଗ୍ରୱାଲ, ସୁମିତ କୁମାର, ମୁରାରୀଲାଲ ଅଗ୍ରୱାଲ, ପ୍ରକାଶ ଅଗ୍ରୱାଲ, କହ୍ନେୟା ଚୌଧୁରୀ ଓ ମିଳନ କୁମାର ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

## ନିଯୁକ୍ତି ଓ ଥଇଥାନ ସମସ୍ୟାକୁ ନେଇ ଖଣିବନ୍ଦ ଆନ୍ଦୋଳନ

**କଣିହାଁ,୫।୧୨(ଡି.ଏନ.ଏ.)**

ଏମ୍‌ସିଏଲ କୋଇଲା ଖଣିକୁ ନେଇ କଣିହାଁ ଓପିସି କ୍ଷତିଗ୍ରସ୍ତ ଜରଡ଼ା ଗ୍ରାମବାସୀ ଗୁରୁବାର ସନ୍ଧ୍ୟାରେ ଖଣିବନ୍ଦ ଆନ୍ଦୋଳନ କରିଥିଲେ। ଏଥିଯୋଗୁ ଖଣିରୁ କୋଇଲା ଖନନ ପରିବହନ ଓ ପରିବହନ ୨ ଘଣ୍ଟାରୁ ଅଧିକ ସମୟ ଧରି ବନ୍ଦ ରହିଥିଲା। ଖଣି କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା ପରେ ଖଣିକାର୍ଯ୍ୟ ସ୍ୱାଭାବିକ୍ ହୋଇଛି।

ପ୍ରକାଶ ଯେ, ଜରଡ଼ା ଗ୍ରାମବାସୀ ଅଦ୍ୟାବଧି ବିସ୍ଥାପନ ସମସ୍ୟାକୁ ନେଇ ହନ୍ତସନ୍ତ ହେଉଥିବାବେଳେ ସମସ୍ୟା ସମାଧାନ ହେଉନାହିଁ। ଏପରିସ୍ଥଳେ ଗ୍ରାମର କ୍ଷତିଗ୍ରସ୍ତ ଅନୁଗୋଳ ଜିଲା ତାଳଚେର ଉପଖଣ୍ଡସ୍ଥିତ ବିଭିନ୍ନ କୋଇଲା ଖଣିରେ ନିଯୁକ୍ତି ପାଇଥିବା ୩୧ ଜଣଙ୍କୁ ଜିଲା ବାହାରକୁ ଖଣି କର୍ତ୍ତୃପକ୍ଷ ବଦଳି କରିଥିଲେ। ଖଣିବନ୍ଦ ଆନ୍ଦୋଳନକୁ ନେଇ କର୍ତ୍ତୃପକ୍ଷ ଆଲୋଚନା କରି ବଦଳି ବାତିଲ ସହିତ ବିସ୍ଥାପନ ସମସ୍ୟା ଦୂର କରିବାକୁ ପ୍ରତିଶ୍ରୁତି ଦେବାରେ ଆନ୍ଦୋଳନ ହଟିଛି ବୋଲି ଗ୍ରାମ ସଭାପତି ତଅଁଳା ସାହୁ, ସମ୍ପାଦକ ଭରତ ସାହୁ, ପାଣ୍ଡବ ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି। କଣିହାଁ ଥାନା ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ କହିଛନ୍ତି, ଖଣିବନ୍ଦ ଆନ୍ଦୋଳନ ସନ୍ଧ୍ୟାରୁ ହୋଇଥିଲା। ଆନ୍ଦୋଳନକାରୀ ଓ ଖଣି କର୍ତ୍ତୃପକ୍ଷଙ୍କ ଆଲୋଚନାକୁ ନେଇ ଖଣିକାର୍ଯ୍ୟ ଚାଲିଛି। କଣିହାଁ ଖଣି ଜିଏମ ନାରାୟଣ ଦାସଙ୍କୁ ଯୋଗାଯୋଗ ସତ୍ତ୍ୱେ ମତାମତ ମିଳିପାରି ନାହିଁ।

■ଓୟାରିଂକୁ ବର୍ଷେ ବିତିଲା

# ହିତାଧିକାରୀଙ୍କୁ ମିଳିଲାନି ବିଜୁଳି

**ବଅଁରପାଳ, ୫।୧୨(ଡି.ଏନ.ଏ.)**



ବର୍ଷେ ହେଲା ବିଦ୍ୟୁତ୍ ସଂଯୋଗ ପାଇଁ ଓୟାରିଂ ସରିଛି। ହେଲେ ଆଜି ପର୍ଯ୍ୟନ୍ତ ବିଜୁଳି ପାଇବାରୁ ବଞ୍ଚିତ ହୋଇଛନ୍ତି ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଗୋତମରା ଗୋବର୍ଦ୍ଧନ ସାହିବାସିନ୍ଦା। ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତୀକରଣ ଯୋଜନାରେ ହିତାଧିକାରୀ ଭାବେ ଚୟନ ହୋଇଥିବା ଲୋକଙ୍କ ଘରେ ଏ ପର୍ଯ୍ୟନ୍ତ ବିଜୁଳି ଆଲୁଅ ଜଳି ପାରି ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ଦୀର୍ଘ ବର୍ଷେ ହେଲା ସାହିର ବିପିଏଲ ହିତାଧିକାରୀଙ୍କ ଘରେ ବିଦ୍ୟୁତ ସଂଯୋଗ ପାଇଁ ୱେୟାରିଂ ସହ ବୋର୍ଡ ମଧ୍ୟ ବସିଛି। ହେଲେ ପ୍ରାୟ ୧୫ ହିତାଧିକାରୀ ବିଜୁଳି ପାଇପାରିନାହାନ୍ତି। ତୁରନ୍ତ ସେମାନଙ୍କ ଘରେ ବିଦ୍ୟୁତ୍ ସଂଯୋଗ କରିବାକୁ ଦାବି ହୋଇଛି। ସେହିପରି ସାହିରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ନେଇଛି। ଗୋଟିଏ ମାତ୍ର ନଳକୂଅରୁ ଲୁହାଗୁଣ୍ଡ ବାହାରୁ ଥିବାରୁ ଏହା ପାନୀୟ ଉପଯୋଗୀ ହୋଇପାରୁନାହିଁ। ସାହିକୁ ପାଣି ଯୋଗାଣର ବ୍ୟବସ୍ଥା ହୋଇଥିଲେ ମଧ୍ୟ ଦିନକୁ ଥରେ ମାତ୍ର ପାଣି ଆସୁଥିବାରୁ ତାହା ପର୍ଯ୍ୟାପ୍ତ ହେଉ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସାହିର ସିଲା ଗୋଚ୍ଛାୟତ, ସବିତା ଗୋଚ୍ଛାୟତ, ବିହାରୀ ଗୋଚ୍ଛାୟତ ପ୍ରମୁଖ କୁହନ୍ତି, ସବୁ ଦୃଷ୍ଟିରୁ ସାହି ଅବହେଳିତ। ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗରୁ ଲୋକେ ବଞ୍ଚିତ ଥିବାବେଳେ ମୌଳିକ ସମସ୍ୟାଗୁଡିକ ସମାଧାନ ହୋଇପାରୁନାହିଁ। ତୁରନ୍ତ ଏ ଦିଗରେ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ଡ. ସ୍ୱରୂପାନନ୍ଦ ସାହୁ କୁହନ୍ତି, ମୋ ନିକଟରେ କେହି ଅଭିଯୋଗ କରିନାହାନ୍ତି। ଯଦି କେହି ହିତାଧିକାରୀ ବିଦ୍ୟୁତ୍ ସଂଯୋଗରୁ ବଞ୍ଚିତ ହୋଇଥାନ୍ତି ତେବେ ତାଙ୍କୁ କିଭଳି ତୁରନ୍ତ ବିଜୁଳି ଯୋଗାଯିବ ସେ ଦିଗରେ ଉଦ୍ୟମ କରିବି।

# ସଙ୍ଗଠନ ମଜଭୁତ କରିବାକୁ ପରାମର୍ଶ

**ବଇଣ୍ଡା, ୫।୧୨(ଡି.ଏନ.ଏ.)**



କିଶୋରନଗର ବ୍ଲକ ବିଜେଡି ପକ୍ଷରୁ ବୁଧବାର ଆମ୍ବପାଳ ଓ ହିମିତିରା ପଞ୍ଚାୟତର ଦଳୀୟ କର୍ମୀମାନଙ୍କୁ ନେଇ କୁରୁଜାଙ୍ଗ ଓ ହିମିତିରାରେ ଦୁଇଟି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାଳନ୍ଦୀ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ଜିଲା ପରିଷଦ ସଦସ୍ୟ ଜିତେନ୍ଦ୍ର ନାୟକ, ହିମିତିରା ସରପଞ୍ଚ ଜୁନା ସାହୁ, କୁମୁଦଚନ୍ଦ୍ର ପ୍ରଧାନ, ଆମ୍ବପାଳ ସରପଞ୍ଚ ଲକ୍ଷ୍ମଣ ବେହେରା, ନଗେନ କୁମାର ପ୍ରଧାନ, ବସନ୍ତ କୁମାର ପ୍ରଧାନ, ସରୋଜ ରାଉଳ, ପ୍ରଦୀପ ବୀର, ଉତ୍ସବ ପ୍ରଧାନ, ନିରାକାର ସାହୁ, ରମେଶ ଚନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ। ପ୍ରାଥମିକ ସ୍ତରରୁ କିଭଳି ଦଳ ମଜଭୁତ ହେବ ସେଥିପ୍ରତି ସମସ୍ତ କର୍ମୀ ଯତ୍ନବାନ ହୋଇ କାମ କରିବା ପାଇଁ ଯୋଗ ଦେଇଥିବା ଅତିଥିମାନେ ପରାମର୍ଶ ଦେଇଥିଲେ।

# ସେବା ଓ ସାଧନା ପାଇଁ ସମ୍ବର୍ଦ୍ଧନା

**ଅନୁଗୋଳ ଅଫିସ, ୫।୧୨**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟ କରୁଥିବା 'ନିର୍ମଳ ଆଉଟ ସୋର୍ସିଙ୍ଗ ଏଜେନ୍ସି'କୁ ଅନୁଗୋଳ ଷ୍ଟାଡିୟମଠାରେ ଜୟଦୁର୍ଗା ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ହେଉଥିବା ଶୀତକାଳୀନ ବାଣିଜ୍ୟ ମେଳା-୨୦୧୯ରେ ସମ୍ବର୍ଦ୍ଧିତ କରାଯାଇଛି। ଚିକିତ୍ସାଳୟର ପରିମଳ ବ୍ୟବସ୍ଥାକୁ ସୁଧାରିବାରେ ସଂସ୍ଥାର କର୍ମଚାରୀ ସେବା ଓ ସାଧନା ପାଇଁ ନିର୍ମଳ ଆଉଟ ସୋର୍ସିଙ୍ଗ ଏଜେନ୍ସିର ସୁରେନ୍ଦ୍ର ବାରିକଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଓ ନବରଙ୍ଗପୁରର ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଯୋଗଦେଇଥିଲେ। ଏଭଳି ସେବା କରି ଚିକିତ୍ସାଳୟର ମାନ ବଢ଼ାଇବା ପାଇଁ ଅତିଥିମାନେ ପରାମର୍ଶ ଦେଇଛନ୍ତି।



ସମ୍ବର୍ଦ୍ଧନା ସଭାରେ ଅତିଥି ଓ ଅନ୍ୟମାନେ।

# 'ମୃତ୍ତିକା ପ୍ରଦୂଷଣ ରୋକିବ ଜୈବିକ କୃଷି'




ବନ ସୁରକ୍ଷା ସମିତିଠାରେ ମୃତ୍ତିକା ଦିବସ ପାଳନ।

**ଅନୁଗୋଳ ଅଫିସ, ୫।୧୨**

ଅନୁଗୋଳ ଜିଲା ତାଳଚେର ବନାଞ୍ଚଳ ବାଲେଶ୍ୱର ସାହି ବନ ସୁରକ୍ଷା ସମିତିଠାରେ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ଏବଂ ବାଲେଶ୍ୱର ବନ ସୁରକ୍ଷା ସମିତି ମିଳିତ ଆନୁକୂଲ୍ୟରେ ଆୟୋଜିତ ସଚେତନତା ବୈଠକରେ ଡେରା ସେକ୍ସନ ବନପାଳ ଗଗନ ଦେହୁରୀ, ନିୟୁଜର ସଂଯୋଜକ ବିଜୟ କୁମାର ଜେନା, ସମିତିର ସଭାପତି ଅଜୟ ନାୟକ ଓ ବନରକ୍ଷୀ ରିଙ୍କି ଦେହୁରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମୃତ୍ତିକା କ୍ଷୟ ରୋକିବା ଉପରେ ଆଲୋଚନା କରିଥିଲେ। ଏଥିସହ ପ୍ଲାଷ୍ଟିକ ବର୍ଜନ ଓ ଜୈବିକ କୃଷି ଦ୍ୱାରା ମାଟିର ପ୍ରଦୂଷଣ ରୋକାଯାଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ନିୟୁଜ ଅନୁଷ୍ଠାନର ଛବିଳ ବେହେରା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିବାବେଳେ ପ୍ରଣୟ ବଲ୍ଲବ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଆଇନ ସମ୍ପର୍କରେ ସଚେତନ କଲା ବନ ବିଭାଗ

**ବନ୍ତଲା,୫।୧୨(ଡି.ଏନ.ଏ.)**



ବୈଠକରେ ବନ ବିଭାଗ ଅଧିକାରୀଙ୍କ ସହ ଗ୍ରାମବାସୀ।

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ଟୁଲୁକା ବିଟ୍ ହାଉସ୍ ପରିସରରେ ଗୁରୁବାର ବନ ବିଭାଗ ଓ ଗ୍ରାମବାସୀଙ୍କ ମଧ୍ୟରେ ସମ୍ପର୍କ ସଭା ଅନୁଷ୍ଠିତ ହୋଇଯାଇଛି। ସାତକୋଶିଆ ଡିଏଫଓ ରାମସ୍ୱାମୀ ପି.ଙ୍କ ଅଧ୍ୟକ୍ଷତାରେ ଏହି ସଭାରେ ଏସିଏଫ୍ ସରୋଜ କୁମାର ପଣ୍ଡା, ଶୁଭେନ୍ଦୁ ବେହେରା, ପୁରୁଣାକୋଟ ସରପଞ୍ଚ ଅନନ୍ତ ବାସୁଦେବ ମହାନ୍ତି, ଗ୍ରାମ ସଭାପତି ଦୋଳ ସାସମଲଙ୍କ ସହ ବହୁ ସଂଖ୍ୟାରେ ଲୋକେ ଉପସ୍ଥିତ ଥିଲେ। ପୁରୁଣାକୋଟ ରେଞ୍ଜ ଅଧିକାରୀ ଗଜେନ୍ଦ୍ର ବେହେରା ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ସଭାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସଭାରେ ଡିଏଫ୍‌ଓ କହିଥିଲେ, ଅଭୟାରଣ୍ୟ ମଧ୍ୟରେ ବିଭିନ୍ନ କଟକଣାକୁ ନେଇ ଅନେକ ସମୟରେ ଲୋକେ ବନ କର୍ମଚାରୀଙ୍କୁ ଦୋଷାରୋପ କରୁଛନ୍ତି। ସେମାନେ ଜାଣିବା ଉଚିତ ଯେ ଆଇନ ଓ ସରକାରୀ ନିର୍ଦ୍ଦେଶ ଅନୁଯାୟୀ କର୍ମଚାରୀମାନେ କାର୍ଯ୍ୟ କରୁଛନ୍ତି। ବନ ବିଭାଗ ଚାହିଁଲେ କୋର୍ ଜଙ୍ଗଲ ଭିତରେ ଥିବା ଗ୍ରାମକୁ ପକ୍କା ରାସ୍ତା କି ଘର ନିର୍ମାଣ ପାଇଁ ବାଲି, ପଥର ଯୋଗାଇ ପାରିବ ନାହିଁ। କାହାକୁ ଜବରଦସ୍ତି ସ୍ଥାନାନ୍ତର ମଧ୍ୟ କରିପାରିବ ନାହିଁ। ଆଇନର ପରିସରରେ ରହି ଗ୍ରାମବାସୀଙ୍କ ଉନ୍ନତି ପାଇଁ ଯାହା କିଛି କରାଯିବା କଥା ତାହା କରାଯାଉଛି। ଏଠାରୁ ସ୍ଥାନାନ୍ତର ହୋଇ ସରକାରଙ୍କ

### ଟୁଲୁକାରେ ସମ୍ପର୍କ ସଭା

ସମସ୍ତ ଉନ୍ନୟନ ଯୋଜନାର ସୁବିଧା ସୁଯୋଗ ନେବା ଗ୍ରାମବାସୀଙ୍କ ନିଷ୍ପତ୍ତି ଉପରେ ନିର୍ଭର କରୁଛି। ତେଣୁ ସେମାନେ ଚାହିଁଲେ ସରକାରଙ୍କ ବିକାଶ କାର୍ଯ୍ୟକ୍ରମ ସେମାନଙ୍କ ନିକଟରେ ପହଞ୍ଚିପାରିବ ବୋଲି ଡିଏଫ୍‌ଓ ପ୍ରକାଶ କରିଥିଲେ। ସଭାରେ ଗ୍ରାମବାସୀ ମଧ୍ୟ ସେମାନଙ୍କ ସମସ୍ୟା ସମ୍ପର୍କରେ କହିଥିଲେ। ଗାଁକୁ ସବୁଦିନିଆ ରାସ୍ତା, ବିଦ୍ୟୁତ୍ ବ୍ୟବସ୍ଥା ସହିତ ଗାଁ ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ ପାଇଁ ଦାବି କରିଥିଲେ। ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି କ୍ଷେତ୍ର ଦେହୁରୀ(୭୫) ବନ୍ୟପ୍ରାଣୀଙ୍କ ଦ୍ୱାରା ଫସଲ ନଷ୍ଟ ହେଉଥିବା କହିବା ସହ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ।

## ଆଜି କ'ଣ କେଉଁଠି

**ଢେଙ୍କାନାଳ**

■ସର୍ବଭାରତୀୟ ଗୃହରକ୍ଷୀ ଦିବସ
ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ
ସମୟ: ପୂର୍ବାହ୍ନ ସାଢ଼େ ୮ଟା।

■ସୁବର୍ଣ୍ଣ ଜୟନ୍ତୀ ସମାରୋହ
ସ୍ଥାନ: ମଣ୍ଟଫୋର୍ଟ ସ୍କୁଲ ପରିସର
ସମୟ: ଅପରାହ୍ନ ସାଢ଼େ ୨ଟା।

■ଯୁବ ସଚେତନତା ଶିବିର
ସ୍ଥାନ: ଢେଙ୍କାନାଳ ମହାବିଦ୍ୟାଳୟ
ସମୟ: ପୂର୍ବାହ୍ନ ୧୦ଟା।

**ମାଧପୁର**

ଚୌରାଶୀ ଲକ୍ଷ୍ମୀମନ୍ଦିର ଭୂମିପୂଜା
ସ୍ଥାନ: ମାଧପୁର
ସମୟ:ପୂର୍ବାହ୍ନ ୯ଟା।

## ସଂକ୍ଷେପରେ

ୱାର୍ଡେନ ଇଞ୍ଜେକ୍ସନ ଦେବା ଘଟଣା

### ୱାର୍ଡେନ, ଷ୍ଟାଫ୍‌ନର୍ସ କାର୍ଯ୍ୟରୁ ଅନ୍ତର

**ଢେଙ୍କାନାଳ ଅଫିସ, ୫।୧୨:** ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଜଣେ ମହିଳା ରୋଗୀଙ୍କୁ ୱାର୍ଡେନ ଇଞ୍ଜେକ୍ସନ ଦେବା ଘଟଣାରେ ଗୁରୁବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଜିଲା ସ୍ୱାସ୍ଥ୍ୟ ବିଭାଗ। ଷ୍ଟାଫ୍‌ନର୍ସ ଶାଶ୍ୱତି ବେହେରା ଏବଂ ଠିକା ୱାର୍ଡେନ ମନୋରମା ବେହେରାଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ଏଥିସହ ଷ୍ଟାଫ୍‌ନର୍ସଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ବୁଧବାର ଜଣେ ମହିଳା ରୋଗୀଙ୍କୁ ସମ୍ପୃକ୍ତ ୱାର୍ଡେନ ଇଞ୍ଜେକ୍ସନ ଦେଉଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ମହିଳା ମେଡିସିନ ୱାର୍ଡରେ ୱାର୍ଡେନ ଜଣକ ରୋଗୀଙ୍କ ବାମହାତରେ ଇଞ୍ଜେକ୍ସନ ଦେଉଥିବା ଦୃଶ୍ୟକୁ କେହି ଜଣେ ରେକର୍ଡିଂ କରି ସୋସିଆଲ ମିଡିଆରେ ପ୍ରଘଟ କରିଦେଇଥିଲେ। ୱାର୍ଡେନ ଏବଂ ସେଠାରେ ଉପସ୍ଥିତ ଷ୍ଟାଫନର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

**ରୂପ୍‌ସା, ୫।୧୨(ଡି.ଏନ.ଏ.)** ବାଲେଶ୍ୱର ସଦର ବ୍ଲକ ସାର୍ଥା ଫାଣ୍ଡି ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଗୁରୁବାର ସିଂଲା ଥାନାରେ ପୋଲିସ ଏକ ମାମଲା (ନଂ. ୨୧୨/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗତ ନଭେମ୍ବର ୪ ତାରିଖରେ ଛାତ୍ରୀ ଜଣକ କଲେଜ ଯାଉଥିବାବେଳେ ସ୍ଥାନୀୟ ଅଞ୍ଚଳର ଜଣେ ବିବାହିତ ଯୁବକ ତାଙ୍କୁ ଅପହରଣ କରିଥିବା ଏତଲାରେ ଦର୍ଶାଯାଇଛି। ଏକମାସ ଧରି ପରିବାର ଲୋକେ ଖୋଜାଖୋଜି ପରେ ବିଫଳ ହେବାରୁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଆଇଆଇସି ସୁବ୍ରତ କୁମାର ବେହେରା ଅପହୃତା ଛାତ୍ରୀଙ୍କୁ ଉଦ୍ଧାର ସହ ଅଭିଯୁକ୍ତଙ୍କୁ ଗିରଫ କରାଯିବା ପାଇଁ ପଦକ୍ଷେପ ନିଆଯାଉଥିବା ପ୍ରକାଶ କରିଛନ୍ତି।

■ଆକାଂକ୍ଷା ଜିଲା ସମୀକ୍ଷା କଲେ କେନ୍ଦ୍ରୀୟ ସଚିବ

# ଅନ୍‌ଲାଇନରେ ଠିକ୍ ତଥ୍ୟ ପ୍ରଦାନ ନିର୍ଦ୍ଦେଶ

**ଢେଙ୍କାନାଳ ଅଫିସ, ୫।୧୨**


ଅତିରିକ୍ତ ଶାସନ ସଚିବ ଯତୀନ୍ଦ୍ରନାଥ ସ୍ୱାଇଁ ବିଭିନ୍ନ ବିଷୟରେ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

କେନ୍ଦ୍ର ସରକାରଙ୍କ ଅତିରିକ୍ତ ଶାସନ ସଚିବ ତଥା ଆଇଏଏସ୍ ଅଧିକାରୀ ଯତୀନ୍ଦ୍ରନାଥ ସ୍ୱାଇଁ ଗୁରୁବାର ଢେଙ୍କାନାଳ ଗସ୍ତରେ ଆସି ଆଂକାକ୍ଷା ଜିଲା ସମ୍ପର୍କିତ ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ବିଭିନ୍ନ ଅନୁଷ୍ଠାନ ପରିଦର୍ଶନ କରିଥିଲେ। ପୂର୍ବାହ୍ନରେ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇ ସେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଜଳସମ୍ପଦ, ମୌଳିକ ଭିତ୍ତିଭୂମି, ଅର୍ଥ ଏବଂ ଦକ୍ଷତା ବୃଦ୍ଧି ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଅନ୍‌ଲାଇନରେ ଶତ ପ୍ରତିଶତ ଠିକ୍ ତଥ୍ୟ ପ୍ରଦାନ କରିବାକୁ ସେ ନୋଡାଲ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମମତା ଯୋଜନାରେ ଜିଲାରେ ଶତକଡ଼ା ୯୩% ଗର୍ଭବତୀ ପଞ୍ଜୀକୃତ ହୋଇଛନ୍ତି। ହିନ୍ଦୋଳ ବ୍ଲକରେ ସର୍ବନିମ୍ନ ୮୬% ପଞ୍ଜୀକରଣ ହୋଇଛି। ଜିଲାର ଗର୍ଭବତୀମାନେ ଅନ୍ୟ ଜିଲାକୁ ଯାଇ ପ୍ରସବ କରୁଛନ୍ତି। ଏହାର ତଥ୍ୟ ଆକଳନ କରିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଜିଲାରେ ୧୭,୪୫୮ ଗର୍ଭବତୀ ପ୍ରସବ କରିଛନ୍ତି। ଆଧାର ତଥ୍ୟ ଅନୁଯାୟୀ ସମସ୍ତ ତଥ୍ୟ ଅନ୍‌ଲାଇନରେ ଉପଲବ୍ଧ କରାଯାଇଛି। ଜିଲାରେ କନ୍ୟା ସନ୍ତାନ ହାର ୯୧୦କୁ ବୃଦ୍ଧି ପାଇଛି। ୩୦ ପ୍ରସବସ୍ଥଳିରେ ୧୦୦% ପ୍ରସବ ସଫଳତାର ସହ ହେଉଛି। କେତେକ ବ୍ଲକରେ କିଡ୍‌ନୀ ରୋଗ ବୃଦ୍ଧି ପାଇବାରେ ଲାଗିଛି। ଏହାର ପ୍ରତିକାର ଲାଗି କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଅତିରିକ୍ତ ଶାସନ ସଚିବ ସୂଚନା ଦେଇଛନ୍ତି। ଜିଲାର ୨୦ ସ୍କୁଲରେ ସ୍ମାର୍ଟକ୍ଲାସ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ହେଲେ ମାତ୍ର ୫ଟି ବିଦ୍ୟାଳୟରେ ସୌରଶକ୍ତି ଦ୍ୱାରା ଏହା କାର୍ଯ୍ୟକାରୀ ହେଉଛି। ୨୨୦୦ ଅଙ୍ଗନୱାଡି କେନ୍ଦ୍ରରୁ ୧୭୭୨ଟିର କୋଠା ନିର୍ମାଣ ସରିଛି। କୃଷି ସମୀକ୍ଷାରୁ ଜଣାପଡ଼ିଛି, ୯୪,୬୫୨ ହେକ୍ଟର ଚାଷଜମିରୁ ୩୯,୦୦୦ ହେକ୍ଟର ଜଳସେଚିତ। ଜାନୁୟାରୀ ୧୫ରୁ ଏପ୍ରିଲ ମଧ୍ୟରେ ଜଳସେଚନ ପାଇଁ କେନାଲରେ ପାଣି ଛଡ଼ାଯିବ। ୧୯,୨୧୫ ଚାଷୀ ଫସଲ ବୀମାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଉନ୍ନତ କୃଷି ପ୍ରଣାଳୀ ବିଷୟରେ ଜ୍ଞାନ ଆହରଣ ପାଇଁ ଜିଲାର କେତେଜଣ ଚାଷୀଙ୍କୁ ପଞ୍ଜାବର ହୋସିଆରପୁର ପଠାଯିବ। ଏଥିରେ ସହଯୋଗ କରିବାକୁ ଅତିରିକ୍ତ ଶାସନ ସଚିବ ଜିଲାପାଳଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ୯୯% କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ସୂଚନା ଦିଆଯାଇଥିଲା। ଏହି ଅବସରରେ ମୁଦ୍ରା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି, ଅଟଳ ପେନ୍‌ସନ, ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ଦକ୍ଷତା ବୃଦ୍ଧି ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ, ପୁଷ୍ଟିହୀନତା ଦୂର କରିବା, ଛାତ୍ରୀଛାତ୍ରଙ୍କୁ ୧୦୦% ପାଠ୍ୟପୁସ୍ତକ ଯୋଗାଣ, କୃଷକଙ୍କ ପାଇଁ ଉପଲବ୍ଧ ବିଭିନ୍ନ ଯୋଜନାର ପ୍ରଚାର କରିବା ଉପରେ ଅତିରିକ୍ତ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ଦେଇଥିବାବେଳେ ଯୋଜନା ଉପନିର୍ଦ୍ଦେଶକ ସରୋଜ କୁମାର ସେଠୀ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ପିଡି ଡିଆରଡିଏ ନରୋତ୍ତମ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

> ■ପଞ୍ଜୀକୃତ ହୋଇଛନ୍ତି ୯୩% ଗର୍ଭବତୀ
>
> ■୩୯,୦୦୦ ହେକ୍ଟର ଜମି ଜଳସେଚିତ
>
> ■ସରିଛି ୧,୭୭୨ ଅଙ୍ଗନୱାଡି କେନ୍ଦ୍ରର କୋଠା ନିର୍ମାଣ


ଦୁର୍ଘଟଣାସ୍ଥଳରେ ଉତ୍ତେଜନା।

■ପିକ୍‌ଅପ୍ ଧକ୍କାରେ ଛାତ୍ରୀ ମୃତ

## କ୍ଷତିପୂରଣ ଦାବିରେ ୫ ଘଣ୍ଟା ରାସ୍ତାରୋକୋ

**ପରଜଙ୍ଗ, ୫।୧୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମହାବିରୋଡ ଫାଣ୍ଡି ଅଧୀନ ଗଡ଼ପଳାଶୁଣି-କଙ୍କଡ଼ାହାଡ଼ ପୂର୍ତ୍ତ ବିଭାଗ ରାସ୍ତାର ଗ୍ରାମ୍ୟ ପୋଖରୀ ନିକଟରେ ଗୁରୁବାର ପୂର୍ବାହ୍ନ ୮ଟାରେ ଏକ ପିକ୍‌ଅପ୍ ଭ୍ୟାନ୍ (ନଂ. ଓଡି ୧୯-୬୨୭୩) ଧକ୍କାରେ ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଡ଼ପଳାଶୁଣି ଗ୍ରାମର ଅଲେଖ ନାଏକଙ୍କ ଝିଅ ଲିଜା (୧୬)।

ପରିବାର ଲୋକଙ୍କ କହିବା ଅନୁଯାୟୀ, ଲିଜା ଗ୍ରାମ ସ୍କୁଲରେ ଦଶମ ଶ୍ରେଣୀରେ ପଢୁଥିଲେ। ସେ ଗାଧୋଇବାକୁ ଗାଁ ମୁଣ୍ଡ ପୋଖରୀକୁ ଯିବା ପାଇଁ ରାସ୍ତା ପାର ହେଉଥିବାବେଳେ ଗଡ଼ପଳାଶୁଣିରୁ କଙ୍କଡ଼ାହାଡ଼ ଯାଉଥିବା ଉକ୍ତ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କ୍ଷତିପୂରଣ ଦାବିରେ ଅଞ୍ଚଳବାସୀ ୫ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ଥାନାଧିକାରୀ ବିଜୟ କୁମାର ହାଇବ୍ରୁ, ମହାବିରୋଡ ଫାଣ୍ଡି ଅଧିକାରୀ ବିନୟ ସାହୁ ସଦଳବଳ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ମୃତ ଛାତ୍ରୀଙ୍କ ପରିବାରକୁ ଗାଡ଼ି ମାଲିକ ୨୦ହଜାର ଟଙ୍କା କ୍ଷତିପୂରଣ ଦେବାପରେ ଅପରାହ୍ନ ୧ଟାରେ ରାସ୍ତାରୋକୋ ହଟିଥିଲା। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ପୋଲିସ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ନଂ. ୩୦୧/୧୯ରେ ମାମଲା ରୁଜୁ ହୋଇଛି। କାମାକ୍ଷାନଗର ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

# ମୁଦ୍ରାହୀନ ଅର୍ଥନୀତି ଏକ ଆହ୍ୱାନ


କାର୍ଯ୍ୟକ୍ରମରେ ଅଧ୍ୟାପିକାଅଧ୍ୟାପକ ଏବଂ ଛାତ୍ରୀଛାତ୍ରମାନେ।

**କାମାକ୍ଷାନଗର, ୫।୧୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ମଠକରଗୋଳା କଲେଜ ସମ୍ମିଳନୀ କକ୍ଷରେ ବାଣିଜ୍ୟ ବିଭାଗ ପକ୍ଷରୁ ମଙ୍ଗଳବାର 'ମୁଦ୍ରାହୀନ ଅର୍ଥନୀତି ଏକ ଆହ୍ୱାନ ଓ ଦୃଷ୍ଟିକୋଣ' ସମ୍ପର୍କିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ନିତ୍ୟାନନ୍ଦ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ମୁଦ୍ରାହୀନ ଅର୍ଥନୀତି ଏକ ଆହ୍ୱାନ। ଏହାର ପଦ୍ଧତି ସମ୍ପର୍କରେ ଲୋକମାନେ ଭଲଭାବେ ଜାଣି ପାରୁନାହାନ୍ତି। ଏହାଦ୍ୱାରା ସାଧାରଣ ଲୋକଙ୍କ ଜୀବନଜୀବିକା ପ୍ରଭାବିତ ହେବା ଆଶଙ୍କା ରହିଛି। ଏହାକୁ କଡ଼ାକଡ଼ି ଭାବେ ପ୍ରଚଳନ କରିବା ପୂର୍ବରୁ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ।

ମୁଖ୍ୟବକ୍ତା ଭାବେ ସୋଆ ବିଶ୍ୱବିଦ୍ୟାଳୟର ଡା. ପ୍ରଫୁଲ୍ଲ କୁମାର ସ୍ୱାଇଁ ଯୋଗଦେଇ କହିଲେ, ମୁଦ୍ରାହୀନ ଅର୍ଥନୀତି ପ୍ରକୃତ ଅର୍ଥନୈତିକ ବିକାଶ ଆଣିପାରିବ। ଠକଙ୍କ କବଳରୁ ଏହା ଲୋକଙ୍କ ଧନକୁ ସୁରକ୍ଷିତ ରଖିପାରିବ ବୋଲି ସେ ମତପୋଷଣ କରିଥିଲେ। ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଦାସ, ଆଇସିଏଆଇ ପ୍ରଶାସନିକ ଅଧିକାରୀ ପ୍ରକାଶ କୁମାର ସାହୁ, ବାଣିଜ୍ୟ ବିଭାଗର ଡମ୍ବରୁଧର ମହନ୍ତ, ସୁଧାଂଶୁ ଶେଖର ପାତ୍ର, ସରୋଜ ବିଶ୍ୱାଳ, ଶୁଭସ୍ମିତା ବିଶ୍ୱାଳ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ଆଭ୍ୟନ୍ତରୀଣ ଗୁଣବତ୍ତା ପ୍ରକୋଷ୍ଠର ସଂଯୋଜକ ଡ. କୈଳାସ ଚନ୍ଦ୍ର ଦାସ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଓମ୍‌ସନ୍ଦୀପ ସାହୁ, କୁନ୍‌ମୁନ୍ ବିଶ୍ୱାଳ, ବଳରାମ ବେହେରା ସନ୍ଦର୍ଭ ପାଠ କରିଥିବାବେଳେ ଅଧ୍ୟାପିକା ଅର୍ଚ୍ଚିତା ମହାମାନସିଂ ଧନ୍ୟବାଦ ଦେଇଥିଲେ। କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପକ ଉପସ୍ଥିତ ଥିଲେ।

## ଫଟୋରେ ଖବର


ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ପଞ୍ଚାୟତ ମେରାମଣ୍ଡଳୀ ଗ୍ରାମରେ ବିଷ୍ଣୁ ମନ୍ଦିର ରତ୍ନମୁଦ ଉତ୍ସବ ପାଇଁ ଅନୁଷ୍ଠିତ କଳସ ଶୋଭାଯାତ୍ରା।

■ଢେଙ୍କାନାଳରେ ବାଂଲାଦେଶ ପ୍ରତିନିଧି ଦଳ

# ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ବୁଲି ଦେଖିଲେ



ପୌରସଂସ୍ଥା କାର୍ଯ୍ୟାଳୟରେ ବାଂଲାଦେଶ ପ୍ରତିନିଧି ଦଳକୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

**ଢେଙ୍କାନାଳ ଅଫିସ, ୫।୧୨**

ଢେଙ୍କାନାଳ ପୌରସଂସ୍ଥା ପକ୍ଷରୁ ୮ନଂ. ୱାର୍ଡ ଅଧୀନ ମହିଷାପାଟ ନିକଟରେ ସ୍ଥାପନ କରାଯାଇଥିବା ଫିକଲ ସ୍ଲଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟକୁ ଗୁରୁବାର ପରିଦର୍ଶନ କରିଛନ୍ତି ଇଣ୍ଟରନ୍ୟାଶନାଲ ଟ୍ରେନିଂ ନେଟ୍‌ୱର୍କ ଏବଂ ବାଂଲାଦେଶ ୟୁନିଭର୍ସିଟି ଅଫ୍ ଇଞ୍ଜିନିୟରିଂ ଓ ଟେକ୍ନୋଲୋଜିର ଏକ ପ୍ରତିନିଧି ମଣ୍ଡଳୀ। ଉକ୍ତ ୧୮ଜଣିଆ ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ ମାକ୍‌ଫି ଫାରା ଏବଂ ମହମ୍ମଦ ଆଲାମ। ଢେଙ୍କାନାଳର ଫିକଲ ସ୍ଲଜ୍ ପ୍ଲାଣ୍ଟ ଅନ୍ୟ ସମସ୍ତ ପ୍ଲାଣ୍ଟ ଅପେକ୍ଷା ଉତ୍କୃଷ୍ଟମାନର। ପରିଦର୍ଶନ ପରେ ହାସଲ କରିଥିବା ଅଭିଜ୍ଞତା ଏବଂ ଜ୍ଞାନକୁ ବାଂଲାଦେଶରେ ଉପଯୋଗ କରାଯିବ ବୋଲି ପ୍ରତିନିଧିମଣ୍ଡଳୀ କହିଛନ୍ତି। ଫିକଲ ସ୍ଲଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପାଇଁ ଉଭୟ ପ୍ରାକ୍ଟିକାଲ ଆକ୍ସନ ଏବଂ ଆର୍ଥିକ ସହାୟତା କରିଥିବା ମିଲିଣ୍ଡା ଓ ବିଲ୍‌ଗେଟ୍ ଫାଉଣ୍ଡେଶନ ଏବଂ ଢେଙ୍କାନାଳ ପୌରସଂସ୍ଥାକୁ ସେମାନେ ଉଚ୍ଚ ପ୍ରଶଂସା କରିଛନ୍ତି। ପୌରସଂସ୍ଥା ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ପ୍ରତିନିଧିଙ୍କୁ ପ୍ଲାଣ୍ଟର କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରାଇଥିଲେ। ପ୍ରାକ୍ଟିକାଲ ଆକ୍ସନର ଡ. ବିରୂପାକ୍ଷ ଦୀକ୍ଷିତ, ଡ. ହୃଦୟାନନ୍ଦ ମହାନ୍ତି, ଗଣେଶ ପରିଡ଼ା, ବ୍ଲୁ ୱାଟର କମ୍ପାନୀର ସ୍ୱସ୍ତିକ ପାଣ୍ଡେ, ପୌରଯନ୍ତ୍ରୀ ରଶ୍ମିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଏହାପରେ ପୌରସଂସ୍ଥା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରତିନିଧି ମଣ୍ଡଳୀର କର୍ମକର୍ତ୍ତାଙ୍କୁ ନିର୍ବାହୀ ଅଧିକାରୀ ସ୍ୱାଗତ କରିଥିଲେ। ସଦସ୍ୟମାନେ ନିଜସ୍ୱ ଅଭିଜ୍ଞତା ସମେତ ନିଜ ଦେଶରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ପ୍ରତିନିଧି ଦଳର ସଦସ୍ୟମାନେ ସ୍ଥାନୀୟ ସର୍କିଟ ହାଉସରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ସହ ମଧ ଆଲୋଚନା କରିଥିଲେ।

## ମହିଳାଙ୍କୁ ବଳାତ୍କାର ଅଭିଯୋଗ, ଦିଅର ଅଟକ

**ବାହାନଗା, ୫।୧୨(ଡି.ଏନ.ଏ.)**

ଖନ୍ତାପଡ଼ା ଥାନା ଅଧୀନ ରେମୁଣା ବ୍ଲକ ଅଞ୍ଚଳର ଜଣେ ବିଧବା ମହିଳାଙ୍କୁ ତାଙ୍କ ଦିଅର ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୩୮୫/୧୯) ରୁଜୁ କରି ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖିଛି। ଅନ୍ୟପକ୍ଷରେ ମହିଳାଙ୍କ ଅଭିଯୋଗ ମିଥ୍ୟା। ସେ ଜମିଜମା ବିବାଦ ନେଇ ଦିଅରଙ୍କ ନାମରେ ଏଭଳି ଅଭିଯୋଗ କରିଥିବା ମହିଳାଙ୍କ ଶଶୁର ଗୁରୁବାର ବୋହୂ ନାମରେ ପାଲଟା ଅଭିଯୋଗ କରିଛନ୍ତି। ଶଶୁରଙ୍କ ଅଭିଯୋଗକୁ ଭିତ୍ତି କରି ଆଉ ଏକ ମାମଲା(ନଂ. ୩୮୬/୧୯) ରୁଜୁ ହୋଇଛି।

ଅଭିଯୋଗ ଅନୁଯାୟୀ, ଉକ୍ତ ମହିଳା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ଘର ନିର୍ମାଣ କରିଛନ୍ତି। ସେ ବୁଧବାର ଅପରାହ୍ନରେ କାନ୍ଥରେ ପାଣି ଦେଉଥିବା ବେଳେ ପଛପଟୁ ତାଙ୍କ ଦିଅର ଧରି ପକାଇବା ସହ ବଳାତ୍କାର କରିଥିଲେ। ଅନ୍ୟପକ୍ଷରେ ସାନପୁଅ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ବୋଲି ମହିଳାଙ୍କ ଶ୍ୱଶୁର ଅନ୍ୟ ଏକ ଅଭିଯୋଗ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ମହିଳାଙ୍କ ସ୍ୱାମୀଙ୍କ ୨୦୧୩ରେ ସାପ କାମୁଡ଼ାରେ ମୃତ୍ୟୁ ଘଟିଥିଲା।

■ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ

# ଗଞ୍ଜାମକୁ ହରାଇଲା ଢେଙ୍କାନାଳ


ଢେଙ୍କାନାଳ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ଦୃଶ୍ୟ।

**ଢେଙ୍କାନାଳ ଅଫିସ, ୫।୧୨**

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଏବଂ ଢେଙ୍କାନାଳ କ୍ରୀଡ଼ା ସଂଘର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଚାଲିଥିବା ୬୦ତମ ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ପ୍ରତିଯୋଗିତାର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଗଞ୍ଜାମକୁ ୪-୦ ଗୋଲରେ ହରାଇ ବିଜୟ ଅଭିଯାନ ଆରମ୍ଭ କରିଛି ଢେଙ୍କାନାଳ।

ପ୍ରାରମ୍ଭରୁ ଢେଙ୍କାନାଳ ଦଳ ପ୍ରତିପକ୍ଷ ଗଞ୍ଜାମ ଉପରେ ପ୍ରଭାବ ବିସ୍ତାର କରିଥିଲା। ଘରୋଇ ସମର୍ଥକଙ୍କ ଭରପୂର ସମର୍ଥନ ପାଇ ବେଶ ଚାପମୁକ୍ତ ହୋଇ ଖେଳିଥିଲେ ଖେଳାଳି। ମ୍ୟାଚର ୨୮ତମ ମିନିଟରେ ଢେଙ୍କାନାଳର ୧୬ନଂ. ଖେଳାଳି ଶୁଭ୍ରଜିତ୍ ସ୍ୱାଇଁ, ୩୦ତମ ମିନିଟରେ ୯ନଂ. ଖେଳାଳି ମହମ୍ମଦ ଆଫ୍ରିଦି ଗୋଟିଏ ଲେଖାଏ ଗୋଲ ସ୍କୋର କରି ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଏହାପରେ ୪୩ତମ ଏବଂ ୬୪ତମ ମିନିଟରେ ଶାଶ୍ୱତ ସ୍ୱାଇଁ ଦୁଇଟି ଗୋଲ ଦେଇ ଗଞ୍ଜାମ ଦଳକୁ ପ୍ରତ୍ୟାବର୍ତ୍ତନର ସୁଯୋଗ ଦେଇ ନ ଥିଲେ। ମନୋରଞ୍ଜନ ପଟ୍ଟନାୟକ, ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ଭୋଲେଶ୍ୱର ଗାଗରାଇ, ପର୍ଶୁରାମ ମିଶ୍ର ରେଫରି ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ଯୁଗଳ କିଶୋର ଦାସ, ମାୟାଧର ସାହୁ ମ୍ୟାଚ କମିଶନର ରହିଥିଲେ।

ମୁଖ୍ୟଅତିଥି ଭାବେ ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ ଯୋଗଦେଇ ଉଭୟ ଦଳକୁ ଉତ୍ସାହିତ କରାଇଥିଲେ। ଅବସରପ୍ରାପ୍ତ କ୍ରୀଡ଼ା ଓ ଯୁବ ବିଭାଗ ନିର୍ଦ୍ଦେଶକ ଗିରିଜାକାନ୍ତ ମହାନ୍ତି, କ୍ରୀଡ଼ା ସଂଘ ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ରାମନାରାୟଣ ସାହୁ, ଦିବାକର ପ୍ରଧାନ, ଯୁଗ୍ମ ସମ୍ପାଦକ ମନୋଜ ପଟ୍ଟନାୟକ, ଗୌରାଙ୍ଗ ସେଠୀ, ସରୋଜ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଶୁକ୍ରବାର କଟକ ଏବଂ ବାଲେଶ୍ୱର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

> ■ଶାଶ୍ୱତଙ୍କ ଡବଲ ଗୋଲ
>
> ■ଆଜି ବାଲେଶ୍ୱରକୁ ଭେଟିବ କଟକ

### ବଲାଙ୍ଗୀରର ସହଜ ବିଜୟ

**କଟକ ଅଫିସ, ୫।୧୨**

ସିନିୟର ପୁରୁଷ ଆନ୍ତଃ ଜିଲା ଫୁଟବଲ ଚାମ୍ପିୟନଶିପ ସାହାଣୀ କପ୍-୨୦୧୯ର ଗୁରୁବାର ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ବଲାଙ୍ଗୀର ୩-୦ ଗୋଲରେ ଜଗତସିଂପୁରକୁ ହରାଇଛି। ଶାନ୍ତନୁ ବେହେରା ୨ଟି ଓ କାହ୍ନା ଭୋଇ ଗୋଟିଏ ଗୋଲ ସ୍କୋର କରିଥିଲେ। ସେହିପରି କନ୍ଧମାଳ ଓ ନୟାଗଡ଼ ବିପକ୍ଷ ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିବା ପରେ ନୟାଗଡ଼ ୩-୨ ଗୋଲରେ ଟାଇବ୍ରେକରରେ ଜିତିଥିଲା। ରାୟଗଡ଼ା ଅନୁପସ୍ଥିତ ରହିବା ଯୋଗୁ ମୟୂରଭଞ୍ଜକୁ ବିଜୟୀ ଘୋଷଣା କରାଯାଇଥିଲା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ଶୁକ୍ରବାର, ଡିସେମ୍ବର ୬/୨୦୧୯ Dhenkanal, Friday, December 6 / 2019

# ଯୁବକଙ୍କୁ ତୀରମାଡ଼

ଢେଙ୍କାନାଳ ଅଫିସ, ୫।୧୨



ଗୋଷ୍ଠୀ ବିବାଦକୁ କେନ୍ଦ୍ର କରି ଢେଙ୍କାନାଳ ଜିଲା ଗୁମୁସିଙ୍ଗା ଥାନା ଆମ୍ବଖୋଲକାଟେଣୀ ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ତୀରମାଡ଼ ହୋଇଛି। ଏଥିରେ ବିମଳ ଦେହୁରୀ (୩୦) ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତୀରଟି ତାଙ୍କ ବାମ ଜଙ୍ଘରେ ପଶିଯାଇ ପ୍ରବଳ ରକ୍ତସ୍ରାବ ହେଉଥିଲା। ଆଉଟ୍‌ଡୋର ଦାୟିତ୍ୱରେ ଥିବା ଡାକ୍ତର ତାଙ୍କୁ କଟକ ପଠାଇବା ପାଇଁ ପରାମର୍ଶ ଦେଇଥିଲେ। ସେହିସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସିଥିବା ସର୍ଜରି ସ୍ପେଶାଲିଷ୍ଟ ତଥା ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର ଯୁବକଙ୍କ ଜଙ୍ଘରୁ ତୀରକୁ ବାହାର କରିଥିଲେ। ଏ ନେଇ ସିଡିଏମ୍‌ଓ କୁହନ୍ତି, ତୀର ଜଙ୍ଘରେ ରହିଥିଲେ ସମସ୍ୟା ଉପୁଜିଥାନ୍ତା। ଯୁବକ ଜଣକ ଏବେ ବିପଦମୁକ୍ତ ଅଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହୋଇନାହିଁ।

## ବିଶ୍ୱ ମୃତ୍ତିକା ଦିବସ ପାଳିତ

# ‘ଉର୍ବର ମାଟିରୁ ଉତ୍କୃଷ୍ଟ ଉତ୍ପାଦନ’

ଢେଙ୍କାନାଳ ଅଫିସ, ୫।୧୨



ବିଶ୍ୱ ମୃତ୍ତିକା ଦିବସ ପାଳନ ଅବସରରେ ଅତିଥିମାନେ।

ଢେଙ୍କାନାଳ ମୃତ୍ତିକା ପରୀକ୍ଷାଗାର ପରିସରରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ସହଯୋଗରେ ଗୁରୁବାର ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ ଯୋଗଦେଇ କହିଲେ, ଉର୍ବର ମାଟିରୁ ଉତ୍କୃଷ୍ଟ ଉତ୍ପାଦନ ସମ୍ଭବ। ମାଟିର ସଂରକ୍ଷଣ ଏବଂ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ। ଏଥିଲାଗି ଅଧିକରୁ ଅଧିକ ଚାରା ରୋପଣ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ କହିଲେ, ମାଟି ସହିତ ଚାଷୀ ବେଶି ମାତ୍ରାରେ ଜଡ଼ିତ। ମୃତ୍ତିକାର ସଂରକ୍ଷଣ ଏବଂ ଉର୍ବରତା ବଜାୟ ରଖିବା ଦିଗରେ ଚାଷୀମାନେ ସଚେତନ ହେବା ଉଚିତ। ଜମିର ମାଟି ପରୀକ୍ଷା କରାଇ ଫସଲ ଲଗାଇଲେ ଅଧିକ ଉତ୍ପାଦନ ହୋଇପାରିବ ବୋଲି ସେ ପରାମର୍ଶ ଦେଇଥିଲେ। ଆର୍‌ଆର୍‌ଟିଟିଏସ୍‌ର ଆସୋସିଏଟ୍ ଡାଇରେକ୍ଟର ଅଫ୍ ରିସୋର୍ସ ପ୍ରିୟବ୍ରତ ପାଣିଗ୍ରାହୀ କହିଲେ, ମାଟିକୁ ୧୭ ପ୍ରକାର ଖାଦ୍ୟସାର ଆବଶ୍ୟକ। ମୃତ୍ତିକା ପରୀକ୍ଷା କରାଇ ତଦନୁଯାୟୀ ସାର ପ୍ରୟୋଗ କଲେ ଜମିର ଉର୍ବରତା ବଜାୟ ରହିବ।

କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡ. ବିମଳେନ୍ଦୁ ମହାନ୍ତି କହିଲେ, ଆବଶ୍ୟକତାଠାରୁ ଅଧିକ ବର୍ଷା ମାଟିର ଉର୍ବରତା ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ଏହାକୁ ରୋକିବାକୁ ହେଲେ ପର୍ଯ୍ୟାୟକ୍ରମେ ଧାନ, ମୁଗ, ବିରି ଚାଷ କରିବାକୁ ପଡିବ। ଜିଲା କୃଷି ଉପନିର୍ଦ୍ଦେଶକ ଛବୀନ୍ଦ୍ର ବେହେରା କହିଲେ, ଜଳବାୟୁରେ ପରିବର୍ତ୍ତନ ଯୋଗୁ ମାଟିର ଗୁଣାତ୍ମକମାନ କମିଯାଉଛି। ମାଟିର ସୁରକ୍ଷା କରା ନ ଗଲେ ଉତ୍ପାଦନ କମିଯିବ।

ଏବେ ସୁଦ୍ଧା ଜିଲାର ୭୦ହଜାର ଚାଷୀଙ୍କୁ ମୃତ୍ତିକା କାର୍ଡ ଦିଆଯାଇଛି। ଆଗାମୀ ଦିନରେ ସମସ୍ତ ଚାଷୀଙ୍କୁ ଏହା ଦିଆଯିବା ବ୍ୟବସ୍ଥା କରାଯାଉଛି। ବ୍ଲକସ୍ତରରେ ମୃତ୍ତିକା ପରୀକ୍ଷା ସୁବିଧା ଉପଲବ୍ଧ ଥିବା ସୂଚନା ଦିଆଯାଇଥିଲା। ଏହି ଉପଲକ୍ଷେ ୨୦୦ ଚାଷୀଙ୍କୁ ମୃତ୍ତିକା କାର୍ଡ ବଣ୍ଟନ କରାଯାଇଥିଲା। କୃଷିବିତ୍ ଉମେଶ ଚନ୍ଦ୍ର ଦାସଙ୍କ ଦ୍ୱାରା ରଚିତ ‘ଆମ ପରିବେଶ ଓ ଆମ କୃଷି’ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏଥିସହ ୧୦ଜଣ ଚାଷୀଙ୍କୁ ମୃତ୍ତିକା କାର୍ଡ ଏବଂ ୫ଜଣଙ୍କୁ ଭୂଚେତନା କାର୍ଡ ପ୍ରଦାନ କରାଯାଇଥିଲା। ମୃତ୍ତିକା ରସାୟନବିତ୍ ଭଗିନୀ ନବନିତା ଧନ୍ୟବାଦ ଦେଇଥିଲେ।

# ଧବଳଗିରିକୁ ହରାଇ ଫାଇନାଲରେ ଢେଙ୍କାନାଳ

ଭୁବନ, ୫।୧୨(ଡି.ଏନ.ଏ.)

ଭୁବନ ବ୍ଲକ ମାର୍ଥାପୁର ଖେଳପଡ଼ିଆରେ ଚାଲିଥିବା ୩୪ତମ ଯୋଗମାୟା ଚ୍ୟାଲେଞ୍ଜ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚରେ ଧବଳଗିରିକୁ ହରାଇ ଢେଙ୍କାନାଳ ଦଳ ଫାଇନାଲରେ ପ୍ରବେଶ କରିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଢେଙ୍କାନାଳ ନିର୍ଦ୍ଧାରିତ ୨୦ ଓଭର ବ୍ୟାଟିଂ କରି ୭ ଉଇକେଟ ବିନିମୟରେ ୨୮୮ ରନ ସଂଗ୍ରହ କରିଥିଲା। ବିକାଶ ରାଉତ ୭୮ ବଲ୍‌ରୁ ଧୂଆଁଧାର ୧୪୨ ରନ କରିଥିଲେ। ଏଥିସହ ବୋଲିଂ ପାଳିରେ ୨ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଧବଳଗିରି ଦଳ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ମାତ୍ର ୧୨୦ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବିକାଶଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଗିରିଜା ପ୍ରସାଦ ମିଶ୍ର, ରୁଦ୍ରନାରାୟଣ ଶତପଥୀ ମ୍ୟାଚ୍ ପରିଚାଳନା କରିଥିଲେ। ମଳୟ ଚନ୍ଦନ ମିଶ୍ର ଧାରା ବିବରଣୀ ଦେଇଥିଲେ। ଶୁକ୍ରବାର ୨ୟ ସେମିଫାଇନାଲ ମ୍ୟାଚ ଆୟୋଜକ ଯୋଗମାୟା କ୍ରିକେଟ ଦଳ ଏବଂ କଳିଙ୍ଗ ଟାଇଗର ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହେବ।













Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ